ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

# ଶକ୍ତିମନ୍ତ୍ରୀଙ୍କ ଦ୍ୱାରା ଉଚ୍ଚସ୍ତରୀୟ ବୈଠକ:
# ବିଦ୍ୟୁତ ବ୍ୟବସ୍ଥାରେ ତ୍ୱରିତ ତ୍ରୁଟି ସୁଧାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ତା.୦୨/୦୩/୨୦୨୦

ଆଜି ପୂର୍ବାହ୍ନରେ ଶକ୍ତି, ଶିଳ୍ପ, ଏମ୍ଏସ୍ଏମ୍ଇ, ଗୃହ ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଦ୍ୟୁତ ଦୁର୍ଘଟଣା ଏଡ଼ାଇବା, ଶକ୍ତି ସରବରାହରେ ସୁଧାର ଆଣିବା, ଜନସାଧାରଣଙ୍କୁ ବିଦ୍ୟୁତ ବିପଦ ପ୍ରତି ସଚେତନ କରିବା ଆଦି ବିଷୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଣିକି ପ୍ରତ୍ୟେକ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିରାପତ୍ତା ସୂଚନା ସ୍ଥାପନ କରାଯିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥିରେ ଦୁର୍ଘଟଣାର ମାତ୍ରା ଅନୁଯାୟୀ କିଏ ଦାୟୀ ରହିବେ ତାହା ଉଲ୍ଲେଖ ରହିବ । ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବାକୁ ମନ୍ତ୍ରୀ ତାଗିଦ୍ କରିଥିଲେ । ଆସନ୍ତା ୪ ତାରିଖରେ ଶକ୍ତି ବିଭାଗ 'ମୋ ସରକାର' ଅଧୀନକୁ ଆସୁଥିବା ପରିପ୍ରେକ୍ଷୀରେ ଏହା ଉପଭୋକ୍ତା ତଥା ସାଧାରଣ ଜନତାଙ୍କ ନିମନ୍ତେ ଜାଣିବା ଆବଶ୍ୟକ ବୋଲି ସୂଚନା ଦିଆଯାଇଛି । ଏଥି ସହିତ ମନ୍ତ୍ରୀ ନିକଟରେ ଗଞ୍ଜାମ ଜିଲ୍ଲାରେ ଘଟିଥିବା ବିଦ୍ୟୁତ ଦୁର୍ଘଟଣା ପରେ ରାଜ୍ୟସାରା ବିଦ୍ୟୁତ ସେବା କ୍ଷେତ୍ରରେ ଥିବା ତ୍ରୁଟି ସୁଧାରିବା କାର୍ଯ୍ୟର ଅଗ୍ରଗତି ସଂପର୍କରେ ବିଦ୍ୟୁତ ବଣ୍ଟନ କମ୍ପାନୀଦ୍ୱାରା ସମୀକ୍ଷା କରିଥିଲେ । ସେ ମଧ୍ୟ ଗତ ତିତ୍ଲି, ଫନୀ, ହୁଡ୍ହୁଡ୍ ସମୟରେ ବିଭିନ୍ନ ବିଦ୍ୟୁତ ବଣ୍ଟନ କମ୍ପାନୀଗୁଡ଼ିକୁ ପ୍ରଦାନ କରାଯାଇଥିବା ଅର୍ଥର ସଂପୂର୍ଣ୍ଣ ବିନିଯୋଗ ନହୋଇ ପଡ଼ି ରହିଥିବା ଅର୍ଥକୁ ପ୍ରଥମେ ଏହି ତ୍ରୁଟି ସୁଧାରିବା କାର୍ଯ୍ୟରେ ବିନିଯୋଗ କରି ତା'ର ହିସାବ ଦେବାକୁ କହିଥିଲେ । ତଳକୁ ଝୁଲି ରହୁଥିବା ବିଜୁଳି ତାରକୁ ନିର୍ଦ୍ଧାରିତ ଉଚ୍ଚତାରେ ଲଗାଇବା ପାଇଁ ଆବଶ୍ୟକ ମଧ୍ୟବର୍ତ୍ତୀ ଖୁଣ୍ଟ ଲଗାଇବା, ବିଦ୍ୟୁତ ପରିବାହକଗୁଡ଼ିକରେ ପରିବର୍ତ୍ତନ, ହାତୀ କରିଡରଗୁଡ଼ିକରେ ବିଦ୍ୟୁତ ସରବରାହକୁ ସୁସଂଜତ କରିବା, ଦୀନଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା କେନ୍ଦ୍ରଗୁଡ଼ିକର ଉନ୍ନତିକରଣ, ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ନିକଟରୁ ଟ୍ରାନ୍ସଫରମର୍ ସ୍ଥାନାନ୍ତରଣ, ରାସ୍ତା ଉପର ଦେଇ ଅତିକ୍ରମ କରିଥିବା ବିଦ୍ୟୁତ ତାର ଉଚ୍ଚତା ବୃଦ୍ଧି ଏବଂ ସୁରକ୍ଷା ବେଷ୍ଟନୀ, ସବ୍ଷ୍ଟେସନ୍ଗୁଡ଼ିକୁ ତାରବାଡ଼ ଦେଇ ଆବଦ୍ଧ କରିବା ଆଦି କାର୍ଯ୍ୟଗୁଡ଼ିକର ଅଗ୍ରଗତି ସମୀକ୍ଷା କରାଯାଇଥିଲା ।

ବୈଠକରେ ସମସ୍ତ ପ୍ରଶାସନିକ ଅଧିକାରୀ ନିଜ ଅଧୀନରେ ଥିବା ବିନିଯୋଗ ନହୋଇ ପଡ଼ି ରହିଥିବା ଅର୍ଥରାଶିର ହିସାବ ତୁରନ୍ତ ପ୍ରମୁଖ ଶାସନ ସଚିବଙ୍କୁ ଜଣାଇବାକୁ କୁହାଯାଇଛି । ସେହପରି ଜନସାଧାରଣଙ୍କ ଅବଗତି ସକାଶେ ବିଦ୍ୟୁତ ଦୁର୍ଘଟଣାକୁ ଏଡାଇ ଜୀବନ ରକ୍ଷା କରିବାର କେତେକ ଜାଣିବା କଥା ଭିଡ଼ିଓ ମାଧ୍ୟମରେ ସୋସିଆଲ୍ ମିଡ଼ିଆ, ଲୋକାଲ୍ ଟିଭିଗୁଡ଼ିକ ମାଧ୍ୟମରେ ପ୍ରଚାର କରିବା, ପ୍ରତି ଗ୍ରାମପଞ୍ଚାୟତ ଅଞ୍ଚଳରେ ବ୍ୟାନର ଲଗାଇ ଲୋକଙ୍କୁ ଜଣାଇବାକୁ କୁହାଯାଇଛି । ତା'ଛଡ଼ା

ପ୍ରତି ମାସର ୫ ତାରିଖ ମଧ୍ୟରେ ସମସ୍ତ ପ୍ରଶାସନିକ ଅଧିକାରୀମାନେ ତାଙ୍କର କାର୍ଯ୍ୟସଂପାଦନ ବିବରଣୀ ପ୍ରମୁଖ ଶାସନ ସଚିବଙ୍କୁ ପ୍ରଦାନ କରିବାକୁ କୁହାଯାଇଛି ।

ଏହି ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ, ଓଏସ୍ଆଇସିର ଅଧ୍ୟକ୍ଷ ଶ୍ରୀ ଚିନ୍ମୟ ସ୍ୱାଇଁ, ଅତିରିକ୍ତ ଶାସନ ସଚିବ ଶ୍ରୀ ପି.କେ. ଶତପଥୀ, ସ୍ୱତନ୍ତ୍ର ସଚିବ ଏସ୍.କେ. ସ୍ୱାଇଁ, ନିର୍ବାହୀ ନିର୍ଦ୍ଦେଶକ, ଗ୍ରୀଡ୍କୋ, ଆଶିଷ ଈଶ୍ୱର ପାଟିଲ୍ଙ୍କ ସମେତ ସମସ୍ତ ବିଦ୍ୟୁତ ବିତରଣ କମ୍ପାନୀର ପ୍ରାଧିକୃତ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।

ସୁବାଷ ନିଆଲ
ସୂଚନା ଅଧିକାରୀ